# ଓଡ଼ିଶା ପୋଲିସ, ରାଉରକେଲା

| | |
|---|---|
| **ମାମଲା ସଂଖ୍ୟା** | ରଘୁନାଥପାଲି ଥାନା କେସ୍ ନଂ-୩୩୦, ତା. ୦୧.୦୬.୨୦୨୬, ଧାରା ୩୦୩(୨)/୩୧୭(୨)/୩(୫) ବିଏନଏସ ଏବଂ ଖଣି ଓ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମର ଧାରା-୨୧ ରେ ରୁଜୁ। |
| **ମାମଲାର ସଂକ୍ଷିପ୍ତ ବିବରଣୀ** | ତା. ୦୧.୦୬.୨୦୨୬ ରେ ରଘୁନାଥପାଲି ଥାନାର ଏସ୍.ଆଇ. ସୂରଜ କଂସାରାଲୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ପିସିଆର୍ ବି-ଶିଫ୍ଟ ପାଟ୍ରୋଲିଂ ଡ୍ୟୁଟିରେ ଥାନା ଅଞ୍ଚଳରେ ପିସିଆର୍ ଗାଡ଼ି ଯୋଗେ ଗସ୍ତ କରୁଥିଲେ। ଏହି ସମୟରେ ରେଜିଷ୍ଟ୍ରେସନ୍ ନଂ. OD-07AH-5253 ବିଶିଷ୍ଟ ଏକ ଗାଡ଼ିରେ ଚୋରା ଲୁହାପଥର (Iron Ore) ପରିବହନ ହେଉଥିବା ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ପାଇଥିଲେ। ତଦନୁସାରେ ପୋଲିସ ଦଳ ବାଲୁଘାଟ ପାର୍କିଂ ସମ୍ମୁଖରେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରେ ୩୨,୦୯୦ କିଲୋଗ୍ରାମ ଚୋରା ଲୁହାପଥର ଲୋଡ୍ ହୋଇଥିବା ଜଣାପଡ଼ିଥିଲା। ପଚରାଉଚରା ବେଳେ ଚାଳକ ସ୍ୱୀକାର କରିଥିଲେ ଯେ ସେ ଉକ୍ତ ଲୁହାପଥରକୁ ବାଂଶପାଣି, ଯୋଡ଼ା ଅଞ୍ଚଳରୁ ଆଣି କଳୁଙ୍ଗା ଅଞ୍ଚଳରେ ବିକ୍ରି/ନିଷ୍କତ୍ତି କରିବା ପାଇଁ ପରିବହନ କରୁଥିଲେ। |
| **ଗିରଫ ଅଭିଯୁକ୍ତମାନେ** | **୧.** ରୋଶନ ଯାଦବ (୪୫), ପିତା– ରାମ ଲଖନ ଯାଦବ, ଠିକଣା– ୱାର୍ଡ ନଂ-୪, ରାମନଗର, ଥାନା– ବାରବିଲ, ଜିଲ୍ଲା– କେନ୍ଦୁଝର। ତା. ୦୧.୦୬.୨୦୨୬ ରେ ଧାରା ୩୦୩(୨)/୩(୫) ବିଏନଏସ ଅନୁଯାୟୀ ଗିରଫ କରାଯାଇଛି।<br>୨. ମହମ୍ମଦ ତୋସିଫ (୩୮), ପିତା– ମହମ୍ମଦ ୟୁସୁଫ ଆଜାଦ, ଠିକଣା– କଳୁଙ୍ଗା, ପୋଲିସ ବିଟ୍ ହାଉସ ନିକଟ, ଥାନା– ବ୍ରାହ୍ମଣୀତରଙ୍ଗ, ରାଉରକେଲା, ଜିଲ୍ଲା– ସୁନ୍ଦରଗଡ଼।<br>୩. ସନ୍ଦୀପ ଶର୍ମା (୩୧), ପିତା– ସ୍ୱର୍ଗତ ମହେଶ ଶର୍ମା, ଠିକଣା– ଫଲସାଟୋଲା, ଟିସିଆଇ, ଥାନା– ବ୍ରାହ୍ମଣୀତରଙ୍ଗ, ରାଉରକେଲା, ଜିଲ୍ଲା– ସୁନ୍ଦରଗଡ଼।<br>୪. ରାଜା ପାତ୍ର (୩୨), ପିତା– ସ୍ୱର୍ଗତ ଖଗେଶ୍ୱର ପାତ୍ର, ଠିକଣା– କମରଯୋଡ଼ା, ଥାନା– ଯୋଡ଼ା, ଜିଲ୍ଲା– କେନ୍ଦୁଝର। |
| **ପୂର୍ବ ଅପରାଧିକ ମାମଲା** | ଯାଞ୍ଚ ଚାଲିଛି । |
| **ଜବତ ସାମଗ୍ରୀ** | ରେଜିଷ୍ଟ୍ରେସନ୍ ନଂ. **OD-07AH-5253** ବିଶିଷ୍ଟ ଏକ ଟ୍ରକ୍ ସହିତ ସେଥିରେ ଲୋଡ୍ ଥିବା ୩୨,୦୯୦ କିଲୋଗ୍ରାମ ଚୋରା ଲୁହାପଥର **(Iron Ore)** ଜବତ କରାଯାଇଛି। |